## ପୋଲିସ ପକ୍ଷରୁ ଯାନବାହନ ଯାଞ୍ଚ

ଗୋଷାଣୀ,ଗୋଷାଣୀ ବ୍ଲକ ଗୁରାଣ୍ଡି ଥାନା ଅନ୍ତର୍ଗତ ସାତମାଇଲ ଛକଠାରେ ସୋମବାର ପୂର୍ବାହ୍ନରେ ଗୁରାଣ୍ଡି ଥାନା ପୋଲିସ ପକ୍ଷରୁ ଯାନବାହାନ ଯାଞ୍ଚ କରାଯାଇଛି। ଥାନାଧିକାରୀ ରବୀନ୍ଦ୍ର ପାତ୍ର ଓ ଅନ୍ୟ କର୍ମଚାରୀ ବିଭିନ୍ନ ଗାଡ଼ି ଯାଞ୍ଚ କରିଥିଲେ। ହେଲମେଟ ପିନ୍ଧି ନ ଥିବା ଗାଡ଼ି ଚାଳକ, କାଗଜପତ୍ର ଠିକ୍ ନ ଥିବା, ସିଟ୍ ବେଲ୍ଟ, ମାସ୍କ, ପିନ୍ଧି ନ ଥିବା ଗାଡ଼ି ଚାଳକଙ୍କଠାରୁ ଜରିମାନା ଆଦାୟ କରିଥିଲେ। ବାଇକ ଚାଳକଙ୍କ ଠାରୁ ୩ ହଜାର ଓ ମାସ୍କ ପିନ୍ଧିନଥିବା ବ୍ୟକ୍ତିଙ୍କ ଠାରୁ ୧୮୦୦ ଟଙ୍କା ଆଦାୟ ହୋଇଥିବା ଥାନାଧିକାରୀ ସୂଚନା ଦେଇଥିଲେ।

## ସଂକ୍ଷେପରେ

### ଓଡ଼ିଆ ମାଧ୍ୟମିକ ଶିକ୍ଷକ ସଂଘ ସମ୍ମିଳନୀ

ଦାରିଙ୍ଗବାଡି, ୨୯।୧୧( ଡି.ଏନ.ଏ): ଦାରିଙ୍ଗବାଡି ବ୍ଲକ ଶ୍ରୀନିକେତା ଉଚ୍ଚ ବିଦ୍ୟାଳୟଠାରେ ରବିବାର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସାହୁଙ୍କ ଅଧକ୍ଷତାରେ ଓଡ଼ିଆ ମାଧମିକ ଶିକ୍ଷକ ସଂଘର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଓସ୍ତାର ଜିଲା ସମ୍ପାଦକ ରଞ୍ଜନ କୁମାର ମହାନ୍ତି ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲା ସହ ସମ୍ପାଦକ ପ୍ରଭାତ ରଥ ଏବଂ ଜିଲା ନିର୍ବାହୀ ସଦସ୍ୟ ପ୍ରଦ୍ୟୁମ୍ନ ଜେନା ପ୍ରମୁଖ ଯୋଗ ଦେଇଥିଲେ। ବୈଠକରେ ସଙ୍ଘର ବିଭିନ୍ନ ଦାବି ନେଇ ଆଲୋଚନା ହୋଇଥିଲା। ଜିଲା ସଙ୍ଘ ତରଫରୁ ଦାରିଙ୍ଗବାଡି ବ୍ଲକରେ କାର୍ଯ୍ୟରତ ତିନି ଗୋଟି ସ୍କୁଲର କର୍ମଚାରୀଙ୍କ ମୃତ୍ୟୁ କାଳୀନ ଆର୍ଥିକ ସହାୟତା ରାଶି ୫୦୦୦ ଟଙ୍କା ତାଙ୍କ ସମ୍ପର୍କୀୟଙ୍କୁ ପ୍ରଦାନ କରାଯାଇଥିଲା। ଓସ୍ତା ବ୍ଲକ ସଭାପତି ରାମକୃଷ୍ଣ ଦାସ, ଲଡୁକିଶୋର ବେହେରା, ଶିବ ପ୍ରସାଦ ଦିଗାଳ, ଧନେଶ୍ୱର ଷଣ୍ଢ, ରମେଶ କୁମାର ଜେନା, ବନ୍ଦିତା ମିଶ୍ରଙ୍କ ସମେତ ବ୍ଲକର ୯ ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

### ସୁଧୁରୁନି ପାନୀୟ ଜଳ ସମସ୍ୟା
### ରାସ୍ତାରେ ଭାସୁଛି, ଲୋକଙ୍କୁ ମିଳୁନି

ଜି.ଉଦୟଗିରି,୨୯।୧୧(ଡି.ଏନ.ଏ.):ଜି. ଉଦୟଗିରିରେ ପାନୀୟ ଜଳ ସମସ୍ୟାର ସ୍ଥାୟୀ ସମାଧାନ କରିବା ମେଗା ପାନୀୟ ପ୍ରକଳ୍ପ ଆନୁଷ୍ଠାନିକ ଭାବେ ନ ହେଲେ ମଧ ଅଣଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ଷମ ହେଲାଣି। କିନ୍ତୁ ଏହା ପରିଚାଳନାଗତ ସମସ୍ୟା ସୁଧୁରୁନି। ବାରମ୍ବାର ବଜାର ମଝିରେ ପାଇପ ଲିକ୍ ହୋଇ ପାଣି ଭାସୁଥିବା ଦେଖିବାକୁ ମିଳୁଛି। ଏବେ ବ୍ଲକ ଛକରୁ ମାଲିକପଡି ଯିବା ରାସ୍ତାରେ ପାଇପରୁ ଲିକ୍ ହୋଇ ରାସ୍ତା ସାରା ଭାସୁଥିବା ବେଳେ ଲୋକମାନେ ପିଇବାକୁ ପାଣି ଟିକିଏ ମିଳୁନାହିଁ। ସେହି ରାସ୍ତାରେ ବୋହି ଯାଉଥିବା ଦୂଷିତ ପାଣିକୁ ବ୍ୟବହାର କରିବାକୁ ବାଧ ହୋଇଥାନ୍ତି। ଦୁଇ ମାସ ହେଲା ଏହିଭଳି ସମସ୍ୟା ଲାଗି ରହିଥିଲେ ମଧ ବିଭାଗୀୟ ଅଧୀକାରୀମାନଙ୍କୁ ଜଣାଇଥିଲେ ସୁଦ୍ଧା କେହି ଶୁଣି ନାହାଁନ୍ତି ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

### ଗାଁ ସାଥୀ ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟିର ବୈଠକ

ଖଲ୍ଲିକୋଟ,୨୯।୧୧(ଡି.ଏନ.ଏ.):ଖଲ୍ଲିକୋଟ ନିର୍ମଳଝରଠାରେ ରବିବାର ଗଞ୍ଜାମ ଜିଲା ଗାଁ ସାଥି ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ରବୀନ୍ଦ୍ର ନାଥ ଗୌଡ଼ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଗାଁ ସାଥିଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ବୈଠକରେ ଖଲ୍ଲିକୋଟ ଗାଁ ସାଥି ସଂଗର ନୂତନ କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ଅନୁଷ୍ଠିତ ନିର୍ବାଚନର ଗାଁ ସାଥି ବିଷ୍ଣୁ ଚରଣ ଗୌଡ଼ ସଭାପତି, ସୁକାନ୍ତ ପ୍ରଧାନ ଓ ସୁଦର୍ଶନ ଜିଲା ଉପସଭାପତି, ଉପେନ୍ଦ୍ର କୁମାର ନନ୍ଦ ସମ୍ପାଦକ, ସୁବାଷ ଚନ୍ଦ୍ର ପ୍ରଧାନ ସହ ସମ୍ପାଦକ, ଆର. ମଞ୍ଜୁଲା ପାତ୍ର କୋଷାଧକ୍ଷ, ବିଦ୍ୟାଧର ପ୍ରଧାନ ଓ ହରେକୃଷ୍ଣ ବେହେରା ସାଙ୍ଗଠନିକ ଉପଦେଷ୍ଟା ଭାବେ ନିର୍ବାଚିତ ହୋଇଥିଲେ। ପ୍ରତି ପଞ୍ଚାୟତରୁ ଗାଁ ସାଥିଙ୍କୁ ନେଇ ଖଲ୍ଲିକୋଟ ବ୍ଲକର ଏକ ୧୫ ଜଣିଆ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା।

# ରୂପାନ୍ତରିତ ହାଇସ୍କୁଲ କାର୍ଯ୍ୟକୁ ପ୍ରଶଂସା

## ପଞ୍ଚାୟତିରାଜ ନିର୍ଦ୍ଦେଶକଙ୍କ ଗଞ୍ଜାମ ଗସ୍ତ

ଛତ୍ରପୁର,୨୯।୧୧(ଡି.ଏନ.ଏ.)

ପଞ୍ଚାୟତିରାଜ ବିଭାଗର ରାଜ୍ୟ ନିର୍ଦ୍ଦେଶକ (ସ୍ୱତନ୍ତ୍ର ପ୍ରକଳ୍ପ) ଅରିନ୍ଦମ ଡାକୁଆ ଗଞ୍ଜାମ ଜିଲାକୁ ଦୁଇ ଦିନିଆ ଗସ୍ତରେ ଆସି ଏଠାରେ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଛନ୍ତି । ଜିଲାରେ ପ୍ରଥମ ପର୍ଯ୍ୟାୟରେ ୫–ଟିରେ ୧୩୩ ଟି ରୁପାନ୍ତରିତ ହାଇସ୍କୁଲ କାର୍ଯ୍ୟକାରୀ ହୋଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୨୩୩ଟି ହାଇସ୍କୁଲ କାର୍ଯ୍ୟକାରୀ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ପରିପ୍ରେକ୍ଷୀରେ ସ୍କୁଲଗୁଡିକରେ କିପରି ଗୁଣାତ୍ମକ ଓ ଉତ୍ତମ କାର୍ଯ୍ୟ କରାଯିବ ସେଥିନିମନ୍ତେ ଜିଲା ପ୍ରଶାସନ ଗୁରୁତ୍ୱ ଦେଇଆସୁଛି। ଏ ନେଇ ସ୍ଥାନୀୟ ଡିଆରଡିଏ ପରିସରରେ ରୂପାନ୍ତରିତ ହାଇସ୍କୁଲର ଏକ ଡେମୋ ପ୍ରଦର୍ଶନ କରାଯାଇଛି। ପଞ୍ଚାୟତିରାଜ ବିଭାଗର ନିର୍ଦ୍ଦେଶକ ପ୍ରଥମେ ରୁପାନ୍ତରିତ ହାଇସ୍କୁଲ ଡେମୋ ଓ ପରେ ଉକ୍ତ ହାଇସ୍କୁଲ ବୁଲି ଦେଖିବା ସହ ଇ ଲାଇବ୍ରେରୀ, ସ୍ମାର୍ଟ ରୁମ, ସ୍ମାର୍ଟ ଶୌଚାଳୟ ଓ ବିଭିନ୍ନ କଠୋରୀ ପରିଦର୍ଶନ କରି ସମସ୍ତ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ପରିଦର୍ଶନ ବେଳେ ଡିଆରଡିଏ ପିଡି ସିନ୍ଧେ ଦତ୍ତାତ୍ରୟ ଭାଉ ସାହେବ, ଏପିଡି ଜ୍ୟୋତି ଶଙ୍କର ରାଏ, ଆସିଷ୍ଟାଣ୍ଟ ଇଞ୍ଜିନିୟର ମନୋଜ କୁମାର ବେହେରା, ହେଡକ୍ୱାର୍ଟର କନିଷ୍ଠ ଯନ୍ତ୍ରୀ ଚନ୍ଦ୍ର ଶେଖର ଷଡଙ୍ଗୀଙ୍କ ସମେତ ବହୁ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ପରେ ନିର୍ଦ୍ଦେଶକ ଜିଲାର କୁକୁଡାଖଣ୍ଡି, ଦିଗପହଣ୍ଡି, ସାନଖେମୁଣ୍ଡି ଓ ବୁଗୁଡା ବ୍ଲକ ଅଞ୍ଚଳରେ କାର୍ଯ୍ୟକାରୀ ହୋଇଥିବା ଗ୍ରାମୀଣ ଗୃହ, ଗ୍ରାମୀଣ ପାର୍କ, ମଡେଲ ଟ୍ୟାଙ୍କ, ଗାଈ ଗୁହାଳ ଓ ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଥିଲେ ।

# ଏଡ୍‌ସ ଦିବସ ଉପଲକ୍ଷେ ସଚେତନତା

ଫୁଲବାଣୀ ଅଫିସ, ୨୯।୧୧



ଅତିଥିଙ୍କ ସହ କୃତୀ ପ୍ରତିଯୋଗୀ।

ବିଶ୍ୱ ଏଡ୍‌ସ ଦିବସ ଉପଲକ୍ଷେ ବିଭିନ୍ନ ଗ୍ରୁପକୁ ନେଇ ଆଲୋଚନାଚକ୍ର କରାଯିବା ସହ ଏକାଧିକ ପ୍ରତିଯୋଗିତା କରାଯାଇଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚଳିତଥର ବିଷୟବସ୍ତୁ 'ଅସମାନତାକୁ ଦୂରକରି ଏଡସ୍ ସଂକ୍ରମଣକୁ ରୋକିବା ଓ ମହାମାରୀକୁ ଦୂରେଇବା' ଉପରେ ଆଲୋଚନା ହୋଇଥିଲା । ମୁଖ୍ୟଅତିଥି ଭାବେ ଜିଲା ସମାଜ ମଙ୍ଗଳ ଅଧିକାରୀ ମଞ୍ଜୁଳା ପ୍ରଧାନ ଯୋଗଦେଇ ଏଡସ୍ ସଂକ୍ରମଣକୁ ରୋକିବାକୁ ହେଲେ ପ୍ରଥମେ ସଂଯମତା ରକ୍ଷା କରିବା ପ୍ରକ୍ରିୟା ଆରମ୍ଭ କରି ସମାଜକୁ ସଚେତନ କରିବାରେ ସହଯୋଗ ଆବଶ୍ୟକ ବୋଲି କହିଥିଲେ । ମହିଳା ଯୌନକର୍ମୀ ଓ ତୃତୀୟ ଲିଙ୍ଗୀମାନଙ୍କୁ ନିୟମିତ ରକ୍ତ ପରୀକ୍ଷା କରି ନିଜକୁ ସୁରକ୍ଷିତ ରଖିବା ସହ ସମାଜରୁ କିଭଳି ସଂକ୍ରମଣ ଦୂର କରିହେବ ସେ ଦିଗ ପ୍ରତି ଦୃଷ୍ଟିଦେବାକୁ ଆହ୍ୱାନ ଦିଆଯାଇଥିଲା । ଶଙ୍କର ନାରାୟଣ ମହାନ୍ତି ଓ ସାନ୍ତନୁ କୁମାର ମିଶ୍ର ଉପସ୍ଥିତ ରହି ଏଚ୍‌ଆଇଭି ସଂକ୍ରମଣକୁ କିଭଳି ରୋକି ହେବ ସେ ସଂକ୍ରାନ୍ତରେ ଆଲୋଚନା କରିଥିଲେ। ଜିଲା ଏଚ୍‌ଆଇଭି ଏଡସ୍‌ର ସୁପରଭାଇଜର ଦେବାଶିଶ୍ ମିଶ୍ର ଓ ସମନ୍ୱିତ ପରାମର୍ଶ ଓ ରକ୍ତ ପରୀକ୍ଷା କେନ୍ଦ୍ରର ପରାମର୍ଶ ଦାତା ଗୋବିନ୍ଦ ଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ ଆୟୋଜିତ ବିଭିନ୍ନ ପ୍ରତିଯୋଗିତା ପରିଚାଳନା କରିଥିଲେ। କୃତୀ ପ୍ରତିଯୋଗୀ ଆସନ୍ତା ୧ ତାରିଖରେ ହେବାକୁ ଥିବା ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ ।

# କୃଷକ ସଙ୍ଗଠନର ୭ ଦଫା ଦାବିପତ୍ର



ଦାବିପତ୍ର ପ୍ରଦାନ କରାଯାଉଛି।

ପାରଳାଖେମୁଣ୍ଡି,୨୯।୧୧(ଡି.ଏନ୍.ଏ.)

ଗତ ଲଘୁଚାପଜନିତ ଲଗାଣ ବର୍ଷାରେ ଗଜପତି ଜିଲାରେ ଖରିଫ ଧାନଚାଷ ବିଶେଷ ଭାବେ ପ୍ରଭାବିତ ହୋଇଛି। ପାଣି ଭର୍ତ୍ତି ଜମିରେ ଧାନ ଏକର ଏକର ଧାନ ଗଛ ପଡି ଯାଇଛି। ଅନେକ ସ୍ଥାନରେ ଧାନ ଗଜା ହୋଇଯାଇଛ। ଏ ନେଇ ଜିଲା କୃଷକ ସଂଗଠନ ପକ୍ଷରୁ ୭ ଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଦାବିଗୁଡିକ ହେଲା ସ୍ୱତନ୍ତ୍ର ଟିମ ଗଠନ କରି ଫସଲ କ୍ଷତି ଆକଳନ କରିବା ସହ ଏକର ପିଛା ୨୫ ହଜାର ଟଙ୍କା ସହାୟତା, ବୀମା ରାଶି ପ୍ରଦାନ, ଡିସେମ୍ବର ୨୭ରୁ ଜିଲାରେ ଧାନକିଣା ଯିବ ବୋଲି ପୂର୍ବରୁ ପ୍ରଶାସନ ନିଷ୍ପତ୍ତି ନେଇଥିଲା। ହେଲେ ବର୍ତ୍ତମାନର ସ୍ଥିତିଦେଖି ଆଗୁଆ ମଣ୍ଡି ଖୋଲିବାକୁ ଦାବି କରିଛନ୍ତି ଚାଷୀ। ବର୍ଷାରେ ଭିଜିଥିବା ଧାନକୁ ଆଧାର କରି ମାନ ନିର୍ଣ୍ଣୟ କରି ମଣ୍ଡିରେ ତାହା କିଣାଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଚାଷୀଙ୍କ ସମସ୍ୟା ଶୀଘ୍ର ସମାଧାନ ପାଇଁ ପ୍ରଶାସନ ଦୃଷ୍ଟି ଦେବାକୁ ଚାଷୀ ନେତା ସୂର୍ଯ୍ୟ ନାରାୟଣ ପଟ୍ଟନାୟକ ଅନୁରୋଧ କରିଛନ୍ତି ।

# ଗ୍ରାମ୍ୟ ସଭାପତି ହତ୍ୟା ଘଟଣା : ୩ କୋର୍ଟ ଚାଲାଣ

ଗଞ୍ଜାମ,(ଡି.ଏନ.ଏ.)/ରମ୍ଭା,୨୯।୧୧

ଗଞ୍ଜାମ ବ୍ଲକ ରମ୍ଭା ଥାନା ଅଧୀନ ପୋଇରାଶି ପଞ୍ଚାୟତ କଣ୍ଟିଆପଲ୍ଲୀ ଗ୍ରାମର ଗ୍ରାମ୍ୟ ସଭାପତି କେ.ଗୋବିନ୍ଦ ରେଡ୍ଡୀ ହତ୍ୟା ଘଟଣାରେ ପୋଲିସ ୩ ଜଣଙ୍କୁ ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ କଣ୍ଟିଆପଲ୍ଲୀ ଗ୍ରାମର କେ.ମୁରଲୀ ରେଡ୍ଡୀ, ତାଙ୍କ ପୁଅ କେ.ରବୀନ୍ଦ୍ର ରେଡ୍ଡୀ ଓ ରାମଚନ୍ଦ୍ରପୁର ଗ୍ରାମର ଏ. ପୁରୁଷୋତ୍ତମ ରେଡ୍ଡୀ ଓରଫ କାଳିଆ । ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ମୁରଲୀଙ୍କୁ ଗ୍ରାମ୍ୟ ସଭାପତି ଜମିଜମା ସମ୍ପର୍କିତ ଗ୍ରାମ ସଭାରେ ୪ଲକ୍ଷ ଟଙ୍କାର ଅର୍ଥ ରାଶି ଜରିମାନା କରିବା ସହ ବିଭିନ୍ନ ସମୟରେ ହଇରାଣ ହରକତ କରୁଥିଲେ। ତେଣୁ ତାଙ୍କୁ ସବୁଦିନ ପାଇଁ ରାସ୍ତାରୁ ହଟାଇ ଦେବାକୁ ମୁରଲୀ ଯୋଜନା କରିଥିଲେ। ଗୋବିନ୍ଦ ଚା' ପିଇବାକୁ ଭୋରେ ଛୋଟାବସା ଛକକୁ ସାଇକେଲରେ ଯାଉଥିବା ବେଳେ ପୂର୍ବରୁ ଛକି ରହଥିବା ମୁରଲୀ ତାଙ୍କୁ ସାଇକେଲରୁ ଟାଣି ଆଣି ମୁଣ୍ଡ ପଛପଟକୁ ଠେଙ୍ଗାରେ ପିଟି ହତ୍ୟା କରିଥିବା ବୟାନ ଦେଇଥିବା ରମ୍ଭା ଥାନାଧିକାରୀ ଦୀପ୍ତି ରଞ୍ଜନ ବେହେରା ସୂଚନା ଦେଇଛନ୍ତି।

# ବାଲି ଚୋରାଚାଲାଣ, ୫ ଗାଡ଼ି ଜବତ

ଛତ୍ରପୁର,୨୯।୧୧(ଡି.ଏନ.ଏ.)

ଛତ୍ରପୁର ତହସିଲ ପକ୍ଷରୁ ସୋମବାର ବାଲି ଓ ମୋରମ ଚୋରାଚାଲାଣ କରୁଥିବା ଗାଡ଼ି ଜବତ କରାଯାଇଛି। ଏଥିସହ ପ୍ରାୟ ୯୫ ହଜାର ଟଙ୍କା ରାଜସ୍ୱ ଆଦାୟ ହୋଇଛି। ତହସିଲଦାର ପ୍ରକାଶ କୁମାର ମିଶ୍ର ଓ ଅତିରିକ୍ତ ତହସିଲଦାର ଜସ୍ମିନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଥିଲା। ବେଆଇନ ବାଲି ଚୋରାଚାଲାଣ କରୁଥିବା ୩ଟି ଟ୍ରକଠାରୁ ୭୫ ହଜାର ଟଙ୍କା ଆଦାୟ କରାଯାଇଥିବା ବେଳେ ସୁନ୍ଦରପୁର ଅଞ୍ଚଳରୁ ଦୁଇ ଟ୍ରାକ୍ଟରକୁ ଜବତ କରି ୨୦ ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଥିବା ଅତିରିକ୍ତ ତହସିଲଦାର ସୂଚନା ଦେଇଛନ୍ତି ।

# ଆଜି ଘୋଡ଼ାହାଡ଼ ଡ୍ୟାମ୍‌ରୁ ଛଡ଼ାଯିବ ପାଣି

ଦିଗପହଣ୍ଡି,୨୯।୧୧(ଡି.ଏନ.ଏ.)

ସମ୍ଭାବ୍ୟ ବାତ୍ୟା ପରବର୍ତ୍ତୀ ବର୍ଷାକୁ ଦୃଷ୍ଟିରେ ରଖି ଦିଗପହଣ୍ଡି ବ୍ଲକ ଖମାରୀ ଗାଁ ନିକଟ ଘୋଡ଼ାହାଡ଼ ଡ୍ୟାମର ସୁରକ୍ଷା ଦୃଷ୍ଟିରୁ ଡ୍ୟାମରୁ ପାଣି ଛଡ଼ାଯିବ। ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ, ମୁଖ୍ୟଯନ୍ତ୍ରୀ, ଗଞ୍ଜାମ ଜିଲାପାଳ ଏବଂ ଚିକିଟି ଜଳସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ ପରାମର୍ଶକ୍ରମେ ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ଡ୍ୟାମରେ ମହଜୁଦ ଥିବା ଉଦ୍‌ବୃତ୍ତ ଜଳକୁ ଘୋଡ଼ାହାଡ଼ ନଦୀ ମଧକୁ ଛଡ଼ାଯିବ। ସ୍ଥାନୀୟ ଜଳସେଚନ ଉପଖଣ୍ଡ କାର୍ଯ୍ୟାଳୟର ଉପ ନିର୍ବାହୀ ଯନ୍ତ୍ରୀ ଏ. ଗୋପାଳ ରାଓ ଏହି ସୂଚନା ଦେଇଛନ୍ତି। ଏନେଇ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଡ୍ୟାମର ସର୍ବୋଚ୍ଚ ଜଳ ଧାରଣ କ୍ଷମତା ୧୧୭.୮୦ ମିଟର ଥିବା ବେଳେ ସୋମବାର ସକାଳ ସୁଦ୍ଧା ଜଳ ପତ୍ତନ ୧୧୭.୬୫ ମିଟର ଥିବା ସେ କହିଛନ୍ତି। ଡ୍ୟାମ ଉପରମୁଣ୍ଡରେ ଥିବା ବିଭିନ୍ନ ଶାଖା ନଦୀଗୁଡିକରୁ ଘଣ୍ଟା ପ୍ରତି ୧୩ ହେକ୍ଟର ମିଟର ପାଣି ଡ୍ୟାମ ମଧକୁ ପ୍ରବେଶ କରୁଥିବାରୁ ଡ୍ୟାମରୁ ନଦୀ ମଧକୁ ପାଣି ଛଡ଼ାଯିବା ନେଇ ଘୋଡ଼ାହାଡ଼ ନଦୀ ତଟବର୍ତ୍ତି ଏସ. ଟିକରପଡ଼ା, ଗୋଲୁଣ୍ଡା, ପେଣ୍ଠା, ବୋରିପଦର, କଇଠଖଣ୍ଡି, ମଧୁବନ, ତଲାସିଙ୍ଗୀ, ପନାଡ଼, ଜକମେରିପଲ୍ଲୀ, ଧେରେଣ୍ଡି, ଜଲମେରୀ ପଲ୍ଲୀ, ଗୁମା, ମଉଳାଭଞ୍ଜା, ତିଳେଶ୍ୱର, ଖୋଲଡି, ନୂଆଗଡ, ଆମ୍ବଗାଁ, ଭୋଇପଲ୍ଲୀ, ମହାନଳା, ପଳାସପୁର, ପାଟପୁର ପ୍ରଭୃତି ଗାଁ ମାନଙ୍କରେ ଜଳସମ୍ପଦ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ରାଜ୍ୟ ଜଳସମ୍ପଦ ବିଭାଗର ନିର୍ଦ୍ଦେଶକ୍ରମେ ଡ୍ୟାମରୁ ସ୍ଲୁଇସ୍ ଗେଟ୍ ଖୋଲା ଯାଇ ନଦୀକୁ ଜଳ ଛଡ଼ାଯିବ ବୋଲି ସହକାରୀ ଯନ୍ତ୍ରୀ ନିରଞ୍ଜନ ସାହୁ ଜଣାଇଛନ୍ତି।

# ଗଠନ ହେବ କଲେଜ ଉନ୍ନୟନ କମିଟି

ଭଞ୍ଜନଗର,୨୯।୧୧(ଡି.ଏନ.ଏ)

କଲେଜ ଗୁଡ଼ିକର ବିଭିନ୍ନ ସମସ୍ୟା ସମାଧାନ କରିବା ସହ ଉନ୍ନୟନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଜିଲାସ୍ତରରେ ଜିଲା କଲେଜ ଉନ୍ନୟନ ସୁବିଧା କମିଟି (ଡିସିଡ଼ିଏଫସି) ଗଠନ ହେବ । ସୋମବାର ସନ୍ଧ୍ୟାରେ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଏ ସମ୍ପର୍କିତ ଚିଠି ପ୍ରକାଶ ପାଇଛି । ଯାହାର ନଂ.୪୮୫୬୭/୨୯।୧୧।୨୦୨୧ । କମିଟିରେ ଜିଲାପାଳ ଚେୟାରମ୍ୟାନ୍ ରହିବେ । ଏସ୍‌ପି ସଭ୍ୟ ରହିବେ । ଏଥିସହ ଏଡ଼ିଏମ୍, ଉପ ଜିଲାପାଳ, ସରକାରୀ ଏବଂ ଅନୁଦାନପ୍ରାପ୍ତ କଲେଜର ଅଧ୍ୟକ୍ଷ, ଜିଲାପାଳଙ୍କ ଦ୍ୱାରା ମନୋନିତ ଯନ୍ତ୍ରୀ, ଉଚ୍ଚ ଶିକ୍ଷା ବିଭାଗ ଦ୍ୱାରା ମନୋନୀତ ଆରଡ଼ି, ଡେ଼ପୁଟି ଡ଼ାଇରେକ୍ଟର, ଆସିଷ୍ଟାଣ୍ଟ ଡ଼ାଇରେକ୍ଟର ମଧ୍ୟରୁ ଜଣେ ସଭ୍ୟ କମିଟିରେ ରହିବେ। ଏଥିସହ ଜିଲାପାଳ ଅନ୍ୟ କୈଣସି ସରକାରୀ ଅଧିକାରୀଙ୍କୁ ଚାହିଁଲେ ନିମନ୍ତ୍ରିତ ସଦସ୍ୟ ଭାବେ ବୈଠକକୁ ଡ଼ାକିପାରିବେ । ଏନେଇ ପ୍ରଥମ ସଚେତନତା ବୈଠକ ଗୁରୁବାର ଦିବା ୧୨.୪୫ ମିନଟରେ ଭିଡ଼ିଓ କନଫରେନ୍ସ ମାଧ୍ୟମରେ ହେବ । ଏଥିରେ ମୁଖ୍ୟ ଶାସନ ସଚିବ ଅଧ୍ୟକ୍ଷତା କରିବେ । ଏହାପରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ହେବ । ପ୍ରତି ୩ମାସକୁ ଥରେ କମିଟିର ବୈଠକ ହେବ । କମିଟିର ମୁଳ ଲକ୍ଷ୍ୟ ହେଲା କଲେଜ ଗୁଡ଼ିକରେ ଥିବା ଜମିଜମା ସମସ୍ୟାକୁ ସମାଧାନ କରିବା । ସରକାରୀ ରେକର୍ଡ଼ରୁ କଲେଜ ନାମରେ ଜମି ନାମିତ ହେବ । କଲେଜ ଗୁଡ଼ିକର ଭିତିଭୂମି ଉନ୍ନତି, ଯେଉଁଠି ଡ଼ିଗ୍ରୀ କଲେଜ ସହ ଯୁକ୍ତ୨ କଲେଜ ମିଶି ଅଛି ତାକୁ ଅଲଗା କରିବା, ମୋ କଲେଜ ଅଭିଯାନ, ବିଭିନ୍ନ ଅନୁଦାନର ସଦ୍‌ବିନିଯୋଗ, କଲେଜ ପରିସରରେ ନିଶାଦ୍ରବ୍ୟ,ଅସାମାଜିକ ବ୍ୟକ୍ତିଙ୍କୁ ରୋକିବା ଉପରେ କାର୍ଯ୍ୟକ୍ରମ ହାତକୁ ନେବ କମିଟି। ଏଥିସହ କଲେଜ ପରିସରରେ ପରିବେଶ ସୁରକ୍ଷା ଏବଂ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ପଦକ୍ଷେପ ନିଆଯିବ । ଏନଏସ୍‌ଏସ୍, ଏନସିସି, ଯୁବ ରେଡ଼କ୍ରସ ମାଧ୍ୟମରେ ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମ ହାତକୁ ନିଆଯିବ । ଜିଲା କଲେଜ ଉନ୍ନୟନ କମିଟିର ପ୍ରଥମ ବୈଠକ ଡ଼ିସେମ୍ବରରେ ହେବାର କାର୍ଯ୍ୟକ୍ରମ ଅଛି ।

# ବୌଦ୍ଧିକ ବାଧକ ଶିକ୍ଷାର୍ଥୀଙ୍କୁ ଶୈକ୍ଷିକ ଉପକରଣ ବଣ୍ଟନ

ଛତ୍ରପୁର,୨୯।୧୧(ଡି.ଏନ.ଏ.)




ଉପକରଣ ବଣ୍ଟନ କରାଯାଉଛି ।

ସ୍ଥାନୀୟ ଜିଲା ସମଗ୍ର ଶିକ୍ଷା ଅଭିଯାନ କାର୍ଯ୍ୟାଳୟ ପରିସରରେ ବୌଦ୍ଧିକ ବାଧକ ଶିକ୍ଷାର୍ଥୀମାନଙ୍କୁ ଶୈକ୍ଷିକ ଉପକରଣ ବଣ୍ଟନ କରାଯାଇଛି । ସମଗ୍ର ଶିକ୍ଷା ଅଭିଯାନ ଓ ସିକନ୍ଦରାବାଦ ସ୍ଥିତ ବୌଦ୍ଧିକ ବାଧକ ଦିବ୍ୟାଙ୍ଗ ଶିକ୍ଷାର୍ଥୀମାନଙ୍କ ବିକାଶ ପାଇଁ କାର୍ଯ୍ୟ କରୁଥିବା ଜାତୀୟ ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ ଜିଲା ଶିକ୍ଷାଧିକାରୀ ତଥା ସମଗ୍ର ଶିକ୍ଷା ଅଭିଯାନର ଜିଲା ପ୍ରକଳ୍ପ ସଂଯୋଜିକା ବିନିତା ସେନାପତି ମୁଖ୍ୟଅତିଥି ଭାବେ ଯୋଗଦେଇ ବୌଦ୍ଧିକ ବାଧକ ଶିକ୍ଷାର୍ଥୀମାନଙ୍କୁ ଶୈକ୍ଷିକ ଉପକରଣ ବାଣ୍ଟିଛନ୍ତି। ଜିଲାର ମୋଟ ୫୫ ଜଣ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ବୌଦ୍ଧିକ ବାଧକ ଶିକ୍ଷାର୍ଥୀ ଏବଂ ସେମାନଙ୍କ ଅଭିଭାବକ ଏହି ଉପକରଣ ଗ୍ରହଣ କରିଥିଲେ। ଉପକରଣର ବ୍ୟବହାର ନିମନ୍ତେ ଶିକ୍ଷାର୍ଥୀ ଏବଂ ଅଭିଭାବକଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ବ୍ୟବସ୍ଥା କରିବା ଲାଗି ବିଭାଗ ସଂଯୋଜକଙ୍କୁ ପରାମର୍ଶ ଦିଆଯାଇଛି। କାର୍ଯ୍ୟକ୍ରମରେ ସିକନ୍ଦରାବାଦ ଜାତୀୟ ଅନୁଷ୍ଠାନର ପ୍ରସାଦୀ କୁମାର ମାହାତୋ ଓ ସୌମ୍ୟରଞ୍ଜନ ମହାନ୍ତି ଶିକ୍ଷଣ ଉପକରଣଗୁଡିକର ବ୍ୟବହାର ସମ୍ବନ୍ଧରେ ବୁଝାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲା ପ୍ରକଳ୍ପ କାର୍ଯ୍ୟାଳୟର ଅର୍ଥ ପରାମର୍ଶଦାତା ମଧୁସୂଦନ ପରିଡା, ଅନୁସୂଚିତ ଜାତି ଓ ଜନଜାତି ବିଭାଗ ସଂଯୋଜକ ଡ. ସରୋଜ ମୋହନ ପାଳ, ଶିକ୍ଷାଶାସ୍ତ୍ର ସଂଯୋଜକ ଡ. ସନ୍ତୋଷ କୁମାର ପଣ୍ଡା, ପ୍ଲାନିଂ ସଂଯୋଜକ ସାବିତ୍ରୀବାଳା ଦାଶ, ପ୍ରୋଗ୍ରାମ ସଂଯୋଜକ ପ୍ରଦୀପ କୁମାର ଖଟେଇ, ବାଳିକା ଶିକ୍ଷା ସଂଯୋଜକ ଜ୍ୟୋତି ପ୍ରକାଶ ରଥ ପ୍ରମୁଖ ଉପସ୍ଥିତ ରହି ଉପକରଣ ବଣ୍ଟନରେ ସହଯୋଗ କରିଥିଲେ। ଅନ୍ତର୍ନିବେଶୀ ଶିକ୍ଷା ଜିଲା ସଂଯୋଜକ ତପନ କୁମାର ସାହୁ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସମସ୍ତ ବ୍ଲକ ସମ୍ବଳ ଶିକ୍ଷକ ସହଯୋଗ କରିଥିଲେ ।

# ଶୌଣ୍ଡିକ ସମାଜର ବାର୍ଷିକ ସମ୍ମିଳନୀ

ଦିଗପହଣ୍ଡି,୨୯।୧୧(ଡି.ଏନ.ଏ.)

ଦିଗପହଣ୍ଡି – ଚିକିଟି ମୁଖ୍ୟରାସ୍ତାର ଗୁପ୍ତେଶ୍ୱର ଶୈବପୀଠ ନିକଟ ଶୌଣ୍ଡିକ ସମାଜ କୋଠା ପରିସରରେ ବଡ଼ଖେମୁଣ୍ଡି ତାଲୁକ ଶୌଣ୍ଡିକ ସମାଜର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ତାଲୁକ ସଭାପତି ସନ୍ତୋଷ କୁମାର ସାହୁଙ୍କ ଅଧକ୍ଷତାରେ ଆୟୋଜିତ ସମ୍ମିଳନୀରେ ଶୌଣ୍ଡିକ ସମାଜର ଗଞ୍ଜାମ ଜିଲା ସଭାପତି ନିରଞ୍ଜନ ସାହୁ, ଆଇନ ପରାମର୍ଶଦାତା ନିର୍ମଳ ସାହୁ, ଚିକିଟି ତାଲୁକ ଶୌଣ୍ଡିକ ସମାଜର ସଭାପତି ଶ୍ୟାମସୁନ୍ଦର ସାହୁ, ସୁରଙ୍ଗୀ ତାଲୁକ ସଭାପତି ଗଣପତି ସାହୁ, କାର୍ଯ୍ୟକର୍ତ୍ତା ତଥା ଦିଗପହଣ୍ଡି ବ୍ଲକ କଇଠଡ଼ା ସରପଞ୍ଚ ଭୀମସେନ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଶୌଣ୍ଡିକ ସମାଜର ନୀତି ଆଦର୍ଶ ଶୃଙ୍ଖଳା ସମ୍ପର୍କରେ ସମ୍ମିଳନୀରେ ଆଲୋଚନା କରାଯାଇ ପ୍ରସ୍ତାବ ଗୃହୀତ କରାଯାଇଥିଲା। ବଡ଼ଖେମୁଣ୍ଡି ତାଲୁକ ଶୌଣ୍ଡିକ ସମାଜର କୋଷାଧକ୍ଷ ବାଲାଜୀ ବିଶୋୟୀ ଧନ୍ୟବାଦ ଅର୍ପଣ କରିଥିଲେ।

# ମୁକ୍ତା ଯୋଜନାରେ ହେବ ୪୦ ପ୍ରକଳ୍ପ

## ୩ କୋଟି ୩ଲକ୍ଷ ୬୬ ହଜାର ଅନୁମୋଦନ କଲେ ମୁଖ୍ୟମନ୍ତ୍ରୀ

ହିଞ୍ଜିଳିକାଟୁ,୨୯।୧୧(ଡି.ଏନ.ଏ.)

ହିଞ୍ଜିଳିକାଟୁ ପୌର ପରିଷଦ ରାଜ୍ୟ ସରକାରଙ୍କ ମୁକ୍ତା ଯୋଜନାରେ ସାମିଲ ହୋଇଛି। ସହରର ବିକାଶ ପ୍ରକ୍ରିୟାକୁ ଅଧିକ କ୍ରିୟାଶୀଳ କରିବା ଲକ୍ଷ୍ୟରେ ସରକାର ଏହି ଯୋଜନା ଆରମ୍ଭ କରିଛନ୍ତି। ହିଞ୍ଜିଳିକାଟୁର ବିକାଶ ସହ ଜନସାଧାରଣଙ୍କ ଆବଶ୍ୟକା ଅନୁଯାୟୀ ହିଞ୍ଜିଳିକାଟୁ ବିଧାୟକ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୪୦ଟି ପ୍ରକଳ୍ପ ନିମନ୍ତେ ୩ କୋଟି ୩ ଲକ୍ଷ ୬୬ହଜାର ଟଙ୍କା ଅନୁମୋଦନ ସହ ବ୍ୟୟ ମଞ୍ଜୁର କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ଥାନୀୟ ପୋରାଞ୍ଚଳ ଜନ ସାଧରଣଙ୍କ ତରଫରୁ ଶୁଭେଚ୍ଛା ଓ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ଏହି ଉପଲକ୍ଷେ ସୋମବାର ନେତାଜୀ କଲ୍ୟାଣ ମଣ୍ଡପ ପରିସରରେ ନଗର ବିଜେଡି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ନଗର ସଭାପତି ଭୀମସେନ ବେହେରାଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ସାଧାରଣ ସମ୍ପାଦକ ପବିତ୍ର ମୋହନ ପାଣିଗ୍ରାହୀ,ମହିଳା ସଭାନେତ୍ରୀ ବୈଜୟନ୍ତିମାଳା ପଟ୍ଟନାୟକ, ପୂର୍ବତନ ନଗରପାଳ ଶିବରାମ ଗୌଡ଼,ନଗର ଯୁବ ସଭାପତି ସଞ୍ଜୟ କୁମାର ପଣ୍ଡା, ଜିଲା ସାଧାରଣ ସମ୍ପାଦକ ପ୍ୟାରୀ ମୋହନ ପାଢ଼ୀ,ପୂର୍ବତନ ଉପାଧକ୍ଷ ସୁବାସ ଚନ୍ଦ୍ର ପୋଲେଇଙ୍କ ସମେତ ଅନ୍ୟାନ୍ୟ ନେତୃ ମଣ୍ଡଳୀ ମଞ୍ଚାସୀନ ଥିଲେ। ସହରବାସୀଙ୍କ ଉନ୍ନତି ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ଅବଦାନ ଅତୁଳନୀୟ ରହିଛି ଏବଂ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନାରେ ସହରବାସୀ ଉପକୃତ ହୋଇଥିବା ପ୍ରକାଶ କରିଥିଲେ । ମୁକ୍ତା ଯୋଜନା ବ୍ୟତୀତ ସିଓର ଯୋଜନାରେ ୩ କୋଟି ୬୪ ଲକ୍ଷ ଏବଂ ଡ୍ରେନ ଓ ରାସ୍ତା ନିର୍ମାଣ କାର୍ଯ୍ୟ ପାଇଁ ୮୨ ଟି ପ୍ରକଳ୍ପ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି ବୋଲି ସାଧାରଣ ସମ୍ପାଦକ ସୂଚନା ଦେଇଥିଲେ । ସାମ୍ବାଦିକ ସମ୍ମିଳନୀରେ ଜିଲା ଓ ଅଞ୍ଚଳର ଅନ୍ୟାନ୍ୟ ବହୁ ନେତା ଓ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

# ଡୁଲୁରୀ ପାଇନ ବଣ ସମସ୍ୟା ସୁଧୁରିବ

## ପର୍ଯ୍ୟଟନ କେନ୍ଦ୍ରର ବିକାଶ ପାଇଁ ବୈଠକ

ଦାରିଙ୍ଗବାଡ଼ି,୨୯।୧୧(ଡି.ଏନ.ଏ)




ବୈଠକରେ ବିଧାୟକ ସାଲୁଗା ପ୍ରଧାନଙ୍କ ସମେତ ଅନ୍ୟ ଅଧିକାରୀ ଏବଂ ଟ୍ରଷ୍ଟର ସଦସ୍ୟ ।

ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ଥିବା ପର୍ଯ୍ୟଟନକେନ୍ଦ୍ର ଗୁଡ଼ିକର ଉନ୍ନୟନ ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସାଞ୍ଚାସରୁ ଉନ୍ନୟନ ଟ୍ରଷ୍ଟର ସମ୍ପାଦକ ତଥା ଦାରିଙ୍ଗବାଡ଼ି ବିଡିଓ ଗଦାଧର ପାତ୍ରଙ୍କ ଅଧକ୍ଷତାରେ ବୈଠକରେ ଗତ ବୈଠକର ଆଲୋଚନା ଓ ପରେ ହିଲଭିୟୁ ପାର୍କର ଜଳ ଫୁଆରା ମରାମତି, ଆଲୁଅ ବ୍ୟବସ୍ଥା, ପିଲାଙ୍କ ପାର୍କ ଏବଂ ଟୟ ଟ୍ରେନ ମରାମତି କାର୍ଯ୍ୟକୁ ଜୋରଦାର କରାଯାଉଥିବା ପାର୍କ ଦାୟିତ୍ୱରେ ଥିବା ଜାଗୃତି ସମ୍ପାଦକ କୈଳାଶ ଚନ୍ଦ୍ର ଦଣ୍ଡପାଟ କହିଛନ୍ତି। ଏହି କାର୍ଯ୍ୟକୁ ମଙ୍ଗଳବାର ସୁଦ୍ଧା ଶେଷ କରିବାକୁ ଚେଷ୍ଟା କରାଯାଉଛି।

ସେହିପରି ପର୍ଯ୍ୟଟକମାନେ ଗାଡି ରଖୁଥିବା ସ୍ଥାନରୁ ଟିକେଟ ସଂଗ୍ରହ କରାଯାଉଛି। ଯଦ୍ୱାରା ସେମାନଙ୍କୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡୁଛି । ଏହାକୁ କିଭଳି ନିୟନ୍ତ୍ରଣ କରାଯାଇପାରିବ ସେ ନେଇ ଆଲୋଚନା ହୋଇଥିଲା। ବୈଠକରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ସାଲୁଗା ପ୍ରଧାନ ଯୋଗଦେଇ ହିଲଭିୟୁ ସମେତ ସାଇଲେଣ୍ଟ ଭ୍ୟାଲି ପାଇଁ ୨ଟି ୱାଚ ଟାୱାର କରିବାକୁ ଅର୍ଥ ରହିଛି। ହିଲଭିୟୁ ଠାରେ ଆଉ ଏକ ଜଳଫୁଆରା ପାଇଁ ୪ଲକ୍ଷ ୭୫ ହଜାର ଅର୍ଥ ରହିଛି ତାକୁ ଖର୍ଚ୍ଚ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ପର୍ଯ୍ୟଟକଙ୍କୁ ସୂଚନା ପ୍ରଦାନ ପାଇଁ ବ୍ରୋଚର ପ୍ରିଣ୍ଟ କରାଯିବା ସହ ଏକ ରେଡିୟମରେ ସାଇନବୋର୍ଡ଼ କରାଯାଇ ଚାରିଛକରେ ଲଗାଯିବାକୁ ସ୍ଥିର କରାଯାଇଛି। ଦାରିଙ୍ଗବାଡ଼ିର ସମସ୍ତ ପର୍ଯ୍ୟଟନକେନ୍ଦ୍ରର ବିକାଶ ପାଇଁ ବିଡିଓ ସମସ୍ତ ବିଭାଗୀୟ ଯନ୍ତ୍ରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। 'ସୌନ୍ଦର୍ଯ୍ୟ ହରାଉଛି ଡୁଲୁରୀ ପାଇନ ବଣ' ଶୀର୍ଷକ ଖବର

### ଧରିତ୍ରୀ ପ୍ରଭାବ

'ଧରିତ୍ରୀ'ରେ ଖବର ପ୍ରକାଶ ପାଇବା ପରେ ଏହି ବୈଠକ କରାଯାଇଛି। ଡୁଲୁରୀ ଠାରେ ଅସ୍ଥାୟୀ ପାଇଖାନା ନିର୍ମାଣ ସହ ସେଠାରେ ରହିଥିବା ସମସ୍ତ ସମସ୍ୟାର ସମାଧାନ କରାଯିବାକୁ ବିଡିଓ ବୈଠକରେ କହିଛନ୍ତି। ଏବେ ପର୍ଯ୍ୟଟକଙ୍କ ସଂଖ୍ୟା ବଢୁଥିବାରୁ ପୋଲିସ ମୂତୟନ ସହ ପାଟ୍ରୋଲିଂକୁ କଡ଼ାକଡ଼ି କରାଯିବ ବୋଲି ବୈଠକରେ ଆଇଆଇସି କୌଶିକ ମାଝି କହିଛନ୍ତି। ବୈଠକରେ ତହସିଲଦାର ଚାର୍ଲସ ନାୟକ, ଦାରିଙ୍ଗବାଡ଼ି ବନାଞ୍ଚଳ ଅଧିକାରୀ ସତିସ କୁମାର ଧାରୁଆ, ମଙ୍ଗଳ ସଂପ୍ରସାରଣ ଅଧିକାରୀ ବୁରୁ ପଡ୍ରା ମାଝି, କନିଷ୍ଠ ଯନ୍ତ୍ରୀ ଜୀବନେଶ୍ୱର ପଟ୍ଟନାୟକ, ଧିରେନ ସେଠି, ସିମନବାଡ଼ି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଦେଶୀ ନାୟକ, ବଣିକ ସଂଘର ସନ୍ତୋଷ କୁମାର ସାହୁ, ରମେଶ ଚନ୍ଦ୍ର ସାହୁ, ବିଧାୟକ ପ୍ରତିନିଧି ଦିପକ କୁମାର ସାହୁ, ଓଡ଼ିଶା ଜିବିକା ମିଶନର ବିପିଏମ ପିଣ୍ଟି ନାୟକ ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିଥିଲେ।

# ଆଜାଦୀ କା ଅମୃତ ମହୋତ୍ସବ ପ୍ରସ୍ତୁତି

ପୋଲସରା,୨୯।୧୧(ଡି.ଏନ.ଏ.)

ପୋଲସରା କଲେଜରେ ସୋମବାର ଆଜାଦୀ କା ଅମୃତ ମହୋତ୍ସବ ପାଳନ ପ୍ରସ୍ତୁତି ଆରମ୍ଭ ହୋଇଛି। ଏଥିନିମନ୍ତେ ବିଭିନ୍ନ ପ୍ରତିଯୋଗିତା ଗତ ଦୁଇଦିନ ଧରି ଚାଲିଥିଲା। ଅଧକ୍ଷ ଡ. ଦିବାକର ମିଶ୍ର କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଯୁକ୍ତ ୨ ଓ ଯୁକ୍ତ ୩ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏଥିରେ ଡ.ଜ୍ୟୋତ୍ସ୍ନାରାଣୀ ପଟ୍ଟନାୟକ, ବିରଞ୍ଚି ନାରାୟଣ ରଥ, ଅନିଲ କୁମାର ଦାସ, ପ୍ରକାଶ ଚନ୍ଦ୍ର ସାହୁ, କିଶୋର ଚନ୍ଦ୍ର ଜେନା, ଶେଖ୍ ଫରିଦ୍ ବିଚାରକ ଭାବେ ଯୋଗଦେଇ ଥିଲେ।

